ଜିଲ୍ଲା ପରିଚାଳକଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ଭାରତୀୟ ଖାଦ୍ୟ ନିଗମ, କାକିନାଡା

ବନାମ

ୟାରଲାଗାଡା ନାରାୟଣ ଆପ୍ପାରାଓ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 5725-5726/2008)

ସେପ୍ଟେମ୍ବର 17,2008

**[ଡକ୍ଟର ଅରିଜିତ ପଶାୟତ ଏବଂ ହରଜିତ୍ ସିଂହ ବେଦି, ନ୍ୟାୟମୂର୍ତ୍ତିଦ୍ୱୟ]**

*ଜମି ଅଧିଗ୍ରହଣ ଅଧିନିୟମ, 1894 :*

*ଧାରା 23 ( 2) - ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଦେବା କୁ ଦାୟୀ - ରାୟ ଦିଆଗଲା : ଗୁରୁପ୍ରୀତ୍ ସିଂହଙ୍କ ମାମଲାର ଅନୁଧ୍ୟାନକୁ ଦୃଷ୍ଟିରେ ରଖି ଏହି ପ୍ରସଙ୍ଗରେ ପୁନର୍ବିଚାରର ଆବଶ୍ୟକତା ରହିଛି - ତେଣୁ ମାମଲାଟି ଉଚ୍ଚ ନ୍ୟାୟାଳୟଙ୍କୁ ଫେରାଇ ଦିଆଗଲା ।*

*ଗୁରୁପ୍ରୀତ୍ ସିଂହ ବନାମ ଭାରତ ସଂଘ* **(2006) 8 SCC 457 ମାମଲା ଉପରେ ନିର୍ଭର କରଗଲା ।**

*ପ୍ରେମ ନାଥ୍ କାପୁର୍ ଏବଂ ଅନ୍ୟଜଣେ ବନାମ ଭାରତୀୟ ଜାତୀୟ ସାର ନିଗମ ଲିମିଟେଡ୍ ଏବଂ ଅନ୍ୟମାନେ* **(1996) 2 SCC 71;** *ସୁନ୍ଦର ବନାମ ଭାରତ ସଂଘ* **(2001) 7 SCC 211** କୁ ଉଲ୍ଲେଖ କରାଗଲା ।

**ନଜିର୍ ସୂଚନା**

| | | |
|---|---|---|
| **(1996) 2 SCC 71** | **ଅନୁଚ୍ଛେଦ 2 କୁ** | **ଉଲ୍ଲେଖ କରାଗଲା ।** |
| **(2001) 7 SCC 211** | **ଅନୁଚ୍ଛେଦ 2 କୁ** | **ଉଲ୍ଲେଖ କରାଗଲା ।** |
| **(2006) 8 SCC 457** | **ଅନୁଚ୍ଛେଦ 3 ଉପରେ** | **ନିର୍ଭର କରାଗଲା ।** |

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5725-5726/2008 ।

ଦେୱାନୀ ପୁନଃରୀକ୍ଷଣ ଆବେଦନ ସଂଖ୍ୟା 5048/2001 ରେ ହାଇଦ୍ରାବାଦ ସ୍ଥିତ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 30.3.2005 ର ଅନ୍ତିମ ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଅତିରିକ୍ତ ସଲିସିଟର ଜେନରେଲ୍ ରାଜେନ୍ଦ୍ର ଶରଣ, ସୁକୁମାର ପଟ୍ଟାଜୋଶ୍ , ଅରବିନ୍ଦ କୁମାର ତିୱାରୀ, ରାକେଶ କେ. ସିଂହ ଏବଂ ସୁଦର୍ଶ ମେନନ୍ ।

ଉତ୍ତରଦାତାମାନଙ୍କ ତରଫରୁ ବି. କାନ୍ତା ରାଓ, କୃଷ୍ଣମୂର୍ତ୍ତି, ବି. ଶ୍ରୀରାମ୍ ଏବଂ ସୁଧା ଗୁପ୍ତା ।

**ନ୍ୟାୟମୂର୍ତ୍ତି ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

1. ଅନୁମତି ପ୍ରଦାନ କରାଗଲା ।

2. ପ୍ରତ୍ୟେକ ମାମଲାରେ ଉତ୍ତରଦାତା ସଂଖ୍ୟା 1 ଙ୍କ ଦ୍ୱାରା ଦେୱାନୀ ପୁନଃରୀକ୍ଷଣ ଆବେଦନ ସଂଖ୍ୟା 5048 ଏବଂ 5088/2001 କୁ ଅନୁମତି ଦେଇ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ରାୟ ବିରୋଧରେ ହି ଆବେଦନଗୁଡ଼ିକରେ ଆପତ୍ତି ହୋଇଛି । ଦେୱାନୀ ପୁନଃରୀକ୍ଷଣ ଆବେଦନରେ ଏହା ସୂଚିତ କରାଯାଇଥିଲା ଯେ ଏହି ଆବେଦନଗୁଡିକରେ ଔପଚାରିକ ଉତ୍ତରଦାତାମାନେ ଆବଶ୍ୟକ ପକ୍ଷ ନଥିଲେ । ଏହି ମୌଳିକ ବିବାଦ, ଜମି ଅଧିଗ୍ରହଣ ଅଧିନିୟମ (ସଂକ୍ଷେପରେ 'ଅଧିନିୟମ') ର ଧାରା 23 (2) ଅନୁଯାୟୀ ପରିକଳ୍ପିତ ରାଶି ଉପରେ ସୁଧ ପ୍ରଦାନ କରାଯିବା ଦାୟିତ୍ୱ ସହ ଜଡିତ, ଯାହାକୁ ଉପଯୁକ୍ତ କ୍ଷେତ୍ରରେ 'ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ' ମଧ୍ୟ କୁହାଯାଏ । ସୁନ୍ଦର ବନାମ ଭାରତ ସଂଘ (2001) 7 SCC 211 ମାମଲାରେ ଏହି ନ୍ୟାୟାଳୟଙ୍କର ସାମ୍ବିଧାନିକ ଖଣ୍ଡପୀଠଙ୍କ ଦ୍ୱାରା ଅଗ୍ରାହ୍ୟ କରାଯାଇଥିବା ପ୍ରେମ୍ ନାଥ୍ କାପୁର୍ ଏବଂ ଅନ୍ୟଜଣେ ବନାମ ଭାରତୀୟ ଜାତୀୟ ସାର ନିଗମ ଲିମିଟେଡ୍ ଏବଂ ଅନ୍ୟମାନେ (1996) 2 SCC 71 ମାମଲାରେ ଏହି ନ୍ୟାୟାଳୟଙ୍କର ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଏହି ଦେୱାନୀ ପୁନଃରୀକ୍ଷଣ ଆବେଦନକୁ ଅନୁମତି ଦେଲେ ।

3. ଅତିରିକ୍ତ ସଲିସିଟର୍ ଜେନେରାଲ୍ ଶ୍ରୀ ଅମରେନ୍ଦ୍ର ଶରଣ୍ ଦାଖଲ କରିଥିଲେ ଯେ ଉଭୟ ପ୍ରେମ୍ ନାଥ୍ ଙ୍କ ମାମଲା (ଉପରୋକ୍ତ) ଏବଂ ସୁନ୍ଦରଙ୍କ ମାମଲା (ଉପରୋକ୍ତ) କୁ ଗୁରୁପ୍ରୀତ୍ ସିଂହ ବନାମ ଭାରତ ସଂଘ (2006 (8) SCC 457) ମାମଲାରେ ଏହି ନ୍ୟାୟାଳୟଙ୍କର ସାମ୍ବିଧାନିକ ଖଣ୍ଡପୀଠ ଙ୍କ ଦ୍ୱାରା ବିଚାର କରାଯାଇଥିଲା । ଏହା ଦାଖଲ କରାଯାଇଥିଲା ଯେ ପ୍ରେମ୍ ନାଥ୍ ଙ୍କ

ମାମଲାରେ (ଉପରୋକ୍ତ) ମତ ଉକ୍ତ ମାମଲାରେ ସଠିକ୍ ବୋଲି କୁହାଯାଇଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ର ମତକୁ ବଜାୟ ରଖାଯାଇପାରିବ ନାହିଁ ।

4. ଏହାର ଉତ୍ତରରେ, ଉତ୍ତରଦାତାଙ୍କ ତରଫରୁ ବିଦ୍ୱାନ ପରାମର୍ଶଦାତା ଦାଖଲ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ରେ ହସ୍ତକ୍ଷେପ କରିବା ନିମିତ୍ତ କୌଣସି ଅଦୃଢତା ନାହିଁ ।

5. ଅନ୍ୟାନ୍ୟ ବିଷୟ ଗୁଡିକ ମଧ୍ୟରେ ଗୁରୁପ୍ରୀତ୍ ସିଂହଙ୍କ ମାମଲାରେ (ଉପରୋକ୍ତ) ଏହି ନ୍ୟାୟାଳୟ ନିମ୍ନମତେ ଅନୁଧ୍ୟାନ କଲେ :

"**53.** ତେଣୁ, ମୋଟାମୋଟି ଭାବେ, ଆମେ ସନ୍ତୁଷ୍ଟ ଯେ ପ୍ରେମନାଥ କପୁର (1996 ( 2) SCC 71) ରେ ଆବଣ୍ଟନ ଉପରେ ଅତ୍ୟାବଶ୍ୟକ ଅନୁପାତ ବିଭିନ୍ନ ପର୍ଯ୍ୟାୟରେ ରହିବା ଯଥାର୍ଥ, ଯଦିଓ ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଯଦି କୌଣସି ଅଭାବ ଥାଏ ରାୟ - ପ୍ରାପ୍ତ କରିଥିବା ଗ୍ରହୀତା ପ୍ରଥମେ ସୁଧ ପ୍ରତି, ତା 'ପରେ ଖର୍ଚ୍ଚ ପ୍ରତି ଏବଂ ତା' ପରେ ମୂଳଧନ ପ୍ରତି, ଆବଣ୍ଟନ କରିବାର ସାଧାରଣ ନୀତି ଉପରେ ଏହାକୁ ଆବଣ୍ଟନ କରିବାକୁ ହକଦାର ହେବେ, ଯଦି, ଅବଶ୍ୟ, ଜମା ରାଶି ରାୟ - ପ୍ରାପ୍ତ କରିଥିବା ଗ୍ରହୀତାଙ୍କୁ ଏହି ଜମା ରାଶି ପଇଠ କରିବା ବେଳେ ତାଙ୍କର ଉଦ୍ଦେଶ୍ୟକୁ ଜଣାଇ, ରାୟରେ ଥିବା ଋଣକର୍ତ୍ତାଙ୍କ ଦ୍ୱାରା ଏହି ଜମା ରାଶି ନିର୍ଦ୍ଦିଷ୍ଟ ଶୀର୍ଷକକୁ ସୂଚିତ ନ କରେ । ତେଣୁ, ଏଠାରେ ଆବଣ୍ଟନ ଦିଗରେ ପ୍ରେମ୍ ନାଥ୍ କାପୁରଙ୍କ ଅନୁପାତକୁ ଆମେ ଅନୁମୋଦନ କରୁଛୁ ।

**54.** ଅନ୍ୟ ଏକ ପ୍ରଶ୍ନ ମଧ୍ୟ ଏହି ଖଣ୍ଡପୀଠ ଙ୍କ ଦ୍ୱାରା ଉତ୍ଥାପିତ ଏବଂ ଏହାର ଉତ୍ତର ଦେବା ପାଇଁ ଅନୁରୋଧ କରାଯାଇଥିଲା, ଯଦିଓ ଏହି ପ୍ରଶ୍ନ ଏହି ଖଣ୍ଡ ପୀଠଙ୍କ ନିକଟକୁ ବିଚାରାର୍ଥେ ପ୍ରେରଣ କରାଯାଇ ନଥିଲା । ସାରା ଦେଶର ଅଦାଲତଗୁଡିକରେ ବିଚାରଧୀନ ଥିବା ବିଭିନ୍ନ ମାମଲାରେ ଏହି ପ୍ରଶ୍ନ ଉଠୁଥିବା ବିଚାରକୁ ନେଇ, ଆମେ ସେହି ପ୍ରଶ୍ନ ଉପରେ ଆମକୁ ଅବଗତ କରିବାକୁ ପରାମର୍ଶଦାତାଙ୍କୁ ଅନୁମତି ଦେଲୁ । ସୁନ୍ଦର (2001 ( 7) SCC 211) ମାମଲାରେ ନିଆଯାଇଥିବା ନିଷ୍ପତ୍ତିକୁ ଦୃଷ୍ଟିରେ ସେହି ପ୍ରଶ୍ନଟି ହେଉଛି ଯଦିଓ ଏହା ରାୟ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ ମଞ୍ଜୁର କରାଯାଇନାହିଁ ତେବେ ରାୟ - ପ୍ରାପ୍ତ କରିଥିବା ଗ୍ରହୀତା, ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଉପରେ ସୁଧ ଦାବି କରିପାରିବେ କି ? ଏହା ଭଲ ଭାବରେ ସ୍ଥିର ହୋଇଛି ଯେ ଏପରି ଏକ ନିଷ୍ପାଦନ ନ୍ୟାୟାଳୟ ଉକ୍ତ ରାୟକୁ ଅଣଦେଖା କରି ଅଗ୍ରସର ହୋଇପାରିବ ନାହିଁ । ତେଣୁ, ଯଦି ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଉପରେ ସୁଧ ଦାବି କରାଯାଇଛି ଏବଂ ବିଚାରଣ ନ୍ୟାୟାଳୟ ଏବଂ ଆବେଦନ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱଷ୍ଟ ଭାବରେ କିମ୍ବା ଆବଶ୍ୟକ ପ୍ରଭାବ ଦ୍ୱାରା ଏହାକୁ ପ୍ରତ୍ୟାଖ୍ୟାନ

କରାଯାଇଛି, ତେବେ ସୁନ୍ଦର୍ ଙ୍କ ମାମଲାରେ ରାୟକୁ ଦୃଷ୍ଟିରେ ରଖି ଏହି ଆଧାରରେ ନିଷ୍ପାଦନ ନ୍ୟାୟାଳୟ ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଉପରେ ସୁଧକୁ ନିଶ୍ଚିତ ରୂପେ ପ୍ରତ୍ୟାଖ୍ୟାନ କରିବାକୁ ପଡିବ ଯେ ନିଷ୍ପାଦନ ନ୍ୟାୟାଳୟ ଉକ୍ତ ରାୟକୁ ଅଣଦେଖା କରି ଅଗ୍ରସର ହୋଇପାରିବ ନାହିଁ । କିନ୍ତୁ ଯଦି ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟ କିମ୍ବା ଆବେଦନ ନ୍ୟାୟାଳୟଙ୍କର ଅଧିନିର୍ଣ୍ଣୟ ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଉପରେ ସୁଧର ପ୍ରଶ୍ନକୁ ସୂଚିତ କରନ୍ତି ନାହିଁ କିମ୍ବା ଯଦି ଯେଉଁ କ୍ଷେତ୍ରରେ ଦାବି କରାଯାଇ ନାହିଁ ଏବଂ ବିଚାରାର୍ଥେ ପ୍ରେରଣ କିମ୍ବା ଆବେଦନ ନ୍ୟାୟାଳୟ ଦ୍ୱାରା ସ୍ୱଷ୍ଟ କିମ୍ବା ପରୋକ୍ଷ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଛି ଏବଂ କେବଳ କ୍ଷତିପୂରଣ ଉପରେ ସୁଧକୁ ଅଧିନିର୍ଣ୍ଣୟ କରାଯାଇଛି , ତେବେ ଏହା ନିଷ୍ପାଦନ ନ୍ୟାୟାଳୟଙ୍କ କ୍ଷେତ୍ରରେ ସୁନ୍ଦର ଙ୍କ ମାମଲାର ଅନୁପାତକୁ ପ୍ରୟୋଗ କରିବାକୁ ଏବଂ ଅଧିନିର୍ଣ୍ଣୟ ହୋଇଥିବା କ୍ଷତିପୂରଣ, ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣକୁ ମଧ୍ୟ ଅନ୍ତର୍ଭୁକ୍ତ କରେ ବୋଲି  କହିବାକୁ ଦ୍ୱାର ଉନ୍ମୁକ୍ତ ଅଛି  ଏବଂ ଏପରି କ୍ଷେତ୍ରରେ ଉକ୍ତ ରାଶି ଉପରେ ସୁଧକୁ ନିଷ୍ପାଦନ କରିବାକୁ ନିର୍ଦ୍ଦେଶ ହୋଇପାରେ , କିନ୍ତୁ  ଅନ୍ୟଥା, ନୁହେଁ । ଆମେ ଏହା ମଧ୍ୟ ସ୍ୱଷ୍ଟ କରୁଛୁ ଯେ  ମାନସିକ ଦୁଶ୍ଚିନ୍ତା ଜନିତ କ୍ଷତିପୂରଣ ଉପରେ ସୁଧ କେବଳ ବିଚାରଧୀନ ଥିବା ନିଷ୍ପାଦନ କ୍ଷେତ୍ରରେ ଦାବି କରାଯାଇ ପାରିବ ଏବଂ ନିଷ୍ପାଦନ ନ୍ୟାୟାଳୟ ସୁନ୍ଦର ମାମଲାର ରେ ରାୟ ତାରିଖ ଠାରୁ (19-9-2001) ଏହାର ପ୍ରାପ୍ତ ନିମିତ୍ତ  ଅନୁମତି ଦେବାକୁ ହକଦାର ହେବେ ଏବଂ କୌଣସି ଏହାର ପୂର୍ବ ଅବଧି ପାଇଁ ନୁହେଁ । ଆମେ ଏହା ମଧ୍ୟ ସ୍ୱଷ୍ଟ କରୁଛୁ ଯେ ଏହା ରାୟ - ପ୍ରାପ୍ତକାରୀଙ୍କ ଦ୍ୱାରା କୌଣସି ପୁନଃଆବଣ୍ଟନ  କିମ୍ବା ନୂତନ ଆବଣ୍ଟନ ଆବଶ୍ୟକ କରିବ ନାହିଁ । ଏହି ପ୍ରଶ୍ନ ଉପରେ ମକଦ୍ଦମାର ବହୁଗୁଣିତକୁ ଏଡ଼ାଇବା ଉଦ୍ଦେଶ୍ୟରେ ଆମେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 141 ଏବଂ 142 ଅନୁଯାୟୀ ଆମର କ୍ଷମତାର ପ୍ରୟୋଗ କରି ସ୍ୱଷ୍ଟୀକରଣ ମାଧ୍ୟମରେ ମଧ୍ୟ ଏହା ସୂଚିତ କରିଛୁ । ”

6. ଉପରେ ଯାହା କୁହାଯାଇଛି ତାହାକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟଙ୍କର ଉପରୋକ୍ତ ଉଦ୍ଧୃତ ମନ୍ତବ୍ୟକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଏହି ବିଷୟକୁ ନୂତନ ଭାବରେ ବିଚାର କରିବା ଉପଯୁକ୍ତ ହେବ । ତଦନୁସାରେ, ଏହି ମାମଲାଟି ନୂତନ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇ ଦିଆଗଲା ।

7. ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଆବେଦନଗୁଡ଼ିକର ଫଇସଲା କରାଗଲା ।

ଡି. ଜି. ଆବେଦନକୁ ଫଇସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।